ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.23 . No.07, Bhubaneswar Sunday, February 9, 2020 | ୨୩ତମ ବର୍ଷ ସଂଖ୍ୟା–୦୭ ଭୁବନେଶ୍ୱର, ରବିବାର, ଫେବୃଆରୀ ୯, ୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ଜୟଦେବ ଭବନଠାରେ ବିଶିଷ୍ଟ ସଂଗ୍ରାମୀ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି

## ଚିଲିକା ମଝିରେ ଅଟକିଲା ଭସାପୋଲ : ବ୍ରିଜ ନିର୍ମାଣ ପାଇଁ ଦାବି

ପୁରୀ, ୮।୨(ପି.ଏନ): ଗତକାଲି ଠାରୁ କୋହଲା ପାଗ ସାଙ୍ଗକୁ ଥଣ୍ଡା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ଯାହାଫଳରେ ସାଧାରଣ ଜୀବନଯାତ୍ରା ଏକ ପ୍ରକାର ବ୍ୟାହତ ହୋଇଛି । ଆଜି ଅପରାହ୍ନରେ ଜହ୍ନିକୁଦା ଠାରୁ ଭସାପୋଲ ସାତପଡା ଆସୁଥିବା ବେଳେ ହଠାତ୍ ଦିଗ ଜାଣିନପାରି ଚିଲିକା ମଝିରେ ଅଟକି ଯାଇଥିଲା । ଏଥିରେ ୭୦ରୁ ୮୦ ଯାତ୍ରୀଙ୍କ ସମେତ ଗୋଟିଏ ବସ୍, ୨୦ଟି ବାଇକ୍ ରହିଥିଲା । କିଛି ଘଂଟା ଅଟକି ରହିବା ପରେ ଖବର ପାଇ ଅନ୍ୟ ଏକ ଭସାପୋଲ ସେଠାରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିବା ଜଣାପଡିଛି । ଭସାପୋଲଟି ଆସୁଥିବା ବେଳେ ଚ୍ୟାନେଲ ବାହାରକୁ ପଳାଇବାରୁ ତାହା ଅଟକି ଯାଇଥିଲା । ପ୍ରକାଶ ଥାଉକି, ଗତ ୨ ତାରିଖ ଚିଲିକାରେ ଡ଼ଙ୍ଗାବୁଡି ଘଟଣା ପରେ ଅନେକ ଯାତ୍ରୀବାହୀ ଡ଼ଙ୍ଗା ବନ୍ଦ ରହିଛି । ଫଳରେ ଚିଲିକା ଅଂଚଳର ୧୪ଟି ପଂଚାୟତବାସୀ ଗମନାଗମନର କ୍ଷେତ୍ରରେ ଅସୁବିଧା ଭୋଗୁଛନ୍ତି । ସାତପଡାଠାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଖୁବଶୀଘ୍ର ବ୍ରିଜ ନିର୍ମାଣ କରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି ।

# ଦିଲ୍ଲୀ ବିଧାନସଭା ନିର୍ବାଚନ: କେଜ୍ରିୱାଲଙ୍କ ସପକ୍ଷରେ ଏକଜିଟ୍ ପୋଲ୍

## ସଂଧ୍ୟା ୬ଟା ସୁଦ୍ଧା ୫୪.୬୫% ମତଦାନ

ନୂଆଦିଲ୍ଲୀ, ୮।୨(ପି.ଏନ): ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଶନିବାର ମତଦାନ ଶେଷ ହୋଇଛି । ନିର୍ବାଚନର ଫଳାଫଳ ଆସନ୍ତା ୧୧ ତାରିଖରେ ବାହାରିବା ପୂର୍ବରୁ ଶନିବାର ସଂଧ୍ୟାରେ ଏକଜିଟ ପୋଲ୍ ପ୍ରକାଶ ପାଇଛି । ବିଭିନ୍ନ ସଂସ୍ଥା ଦ୍ୱାରା ହୋଇଥିବା ଏକଜିଟ୍ ପୋଲ୍ ଅନୁଯାୟୀ ତୃତୀୟ ଥର ପାଇଁ ଦିଲ୍ଲୀରେ କ୍ଷମତା ଆସନରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବସିବେ ବୋଲି ପୂର୍ବାନୁମାନ ହୋଇଛି । କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଆପ୍ ୫୧ଟି ଆସନରେ ଜିତିବ ବୋଲି ଆକଳନ ହୋଇଥିବା ବେଳେ ବିଜେପି ୧୮ ଏବଂ କଂଗ୍ରେସ ଗୋଟିଏ ଆସନରେ ଜିତିବ ବୋଲି ଆକଳନ ହୋଇଛି । ଟାଇମ୍ସ ନାଓର ସର୍ଭେ ରିପୋର୍ଟ ଅନୁଯାୟୀ ୭୦ ବିଧାନସଭା ଆସନରୁ ଆପ୍ ୪୪, ବିଜେପି ୨୬+, କଂଗ୍ରେସ ଏବଂ ଅନ୍ୟାନ୍ୟ କୌଣସି ଆସନରେ ଜିତି ପାରିବେ ନାହିଁ ବୋଲି ଆକଳନ କରିଛି ।ସେହିପରି ଇଣ୍ଡିଆଟୁଡେ ଆକ୍ସିସ ମାଇ ଇଣ୍ଡିଆର ରିପୋର୍ଟ ଅନୁଯାୟୀ ଆପ୍ ୩୨-୩୮, ବିଜେପି ୦୨-୦୮, କଂଗ୍ରେସ କୌଣସି ଆସନରେ ବିଜୟୀ ହୋଇପାରିବ ନାହିଁ ବୋଲି ଆକଳନ କରିଛି ।ରିପବ୍ଲିକ ଟିଭି ଜନ କି ବାତର ରିପୋର୍ଟ ଅନୁଯାୟୀ ଆପ୍ ୪୮-୬୧, ବିଜେପି ୯-୨୧, କଂଗ୍ରେସ ୦-୧ ଆସନରେ ଜିତିବ ବୋଲି ଆକଳନ ହୋଇଛି ।ନ୍ୟୁଜ ଏକ୍ସ ପୋଲଷ୍ଟାର୍ଟର ରିପୋର୍ଟ ଅନୁଯାୟୀ ଆପ୍ ୫୦-୫୬, ବିଜେପି ୧୦-୧୪ ଏବଂ କଂଗ୍ରେସ ଏବଂ ଅନ୍ୟାନ୍ୟ ପ୍ରାର୍ଥୀ କୌଣସି ଆସନରେ ଜିତିପାରିବେ ନାହିଁ ବୋଲି ଏହି ସର୍ଭେ ସଂସ୍ଥା ଆକଳନ କରିଛି ।ଶନିବାର ଦିନ ଦିଲ୍ଲୀରେ ୭୦ ଲୋକସଭା ଆସନ ପାଇଁ ସକାଳ ୮ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା । ସଂଧ୍ୟା ୬ଟା ସୁଦ୍ଧା ଦିଲ୍ଲୀରେ ୫୪.୬୫% ମତଦାନ ହୋଇଛି । ୭୦ ବିଧାନସଭା ଆସନ ପାଇଁ ମୋଟ୍ ୬୭୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଛନ୍ତି । ସୂଚନାଯୋଗ୍ୟ, ୨୦୧୫ରେ ହୋଇଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ ୬୭ଟି ଆସନରେ ବିଜୟୀ ହୋଇଥିବା ବେଳେ ବିଜେପି ୩ଟି ଆସନରେ ବିଜୟୀ ହୋଇଥିଲା । ଏହା ପୂର୍ବରୁ ୨୦୧୪ରେ ବିଧାନସଭା ନିର୍ବାଚନ ହୋଇଥିଲା । ଆପ୍ ଓ କଂଗ୍ରେସ ମିଶି ସରକାର ଗଢ଼ିଥିଲେ । ଅରବିନ୍ଦ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ହୋଇଥିଲେ । ହେଲେ କିଛି ଦିନ ପରେ ମେଂଟ ଭାଙ୍ଗିବା ପରେ ୨୦୧୫ରେ ପୁଣି ଥରେ ବିଧାନସଭା ନିର୍ବାଚନ ହୋଇଥିଲା ।

## ରାସ୍ତା କଡ଼ କ୍ଷେତକୁ ଓଲଟି ପଡିଲା କାର୍ : ଚାଳକ ଆହତ

ସୋନପୁର, ୮।୨(ପି.ଏନ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଏସ. ରାମପୁର ମୁଖ୍ୟ ରାସ୍ତାରେ ଏକ କାର୍ ଭାରସାମ୍ୟ ହରାଇ କ୍ଷେତ ମଧ୍ୟକୁ ପଶିଯିବା ସହ ଓଲଟି ପଡିବା ଫଳରେ ଏହାର ଚାଳକ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡୁଙ୍ଗୁରିପାଲି ଡ଼ାକ୍ତରଖାନାରେ ଭର୍ତି କରିଛନ୍ତି ।ସୂଚନା ଅନୁଯାୟୀ, ଆଜି ସକାଳେ ସମ୍ପୃକ୍ତ ଚାଳକ କାର୍ ନେଇ ରାମପୁରରୁ ଡୁଙ୍ଗୁରିପାଲି ଯାଉଥିଲେ । ଏହି ସମୟରେ ଗାଡ଼ିଟି ଭାରସାମ୍ୟ ହରାଇ କ୍ଷେତ ମଧ୍ୟକୁ ପଶିଯାଇ ଓଲଟି ପଡିଥିଲା । ସମ୍ପୃକ୍ତ ଗାଡ଼ି ଚାଳକଙ୍କ ପରିଚୟ ମିଳିପାରିନାହିଁ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଛି ।

## ବସ୍ତାରେ ବନ୍ଧା ଅବସ୍ଥାରେ ଦୁଇ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

କେନ୍ଦୁଝର, ୮।୨(ପି.ଏନ): କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ ଫୁଲକଅଁଳେଇ ଗ୍ରାମ ନିକଟସ୍ଥ ବୈତରଣୀ ନଦୀର ଖଲିଚୌପଦି ଘାଟରୁ ଆଜି ସକାଳେ ବସ୍ତାରେ ବନ୍ଧା ଅବସ୍ଥାରେ ଦୁଇଟି ମୃତଦେହ ଉଦ୍ଧାର କରାଯାଇଛି । ତନ୍ମଧ୍ୟରେ ଜଣେ ପୁରୁଷ ଓ ଅନ୍ୟ ଜଣେ ମହିଳାଙ୍କ ଶବ ରହିଛି । ତେବେ ସେମାନଙ୍କର ପରିଚୟ ମିଳିପାରିନାହିଁ । ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଉଦ୍ଧାର କରିଛି । ପୋଲିସ ପକ୍ଷରୁ ଶବ ଚିହ୍ନଟ ପ୍ରକ୍ରିୟା ଜାରୀ ରହିଛି । କେହି ହତ୍ୟା ପରେ ଉଭୟଙ୍କ ମୃତଦେହକୁ ବସ୍ତାରେ ବାନ୍ଧି ନଦୀରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି । ତେବେ କିଏ ଓ କାହିଁକି ଏପରି କରିଛି ଏବଂ ହତ୍ୟାକାଣ୍ଡ ପଛରେ କ'ଣ କାରଣ ରହିଛି ପୋଲିସ ଏନେଇ ଅଧିକ ଛାନଭିନ୍ ଜାରୀ ରଖିଛି ।

## ଆଗାମୀ ତିନି ବର୍ଷରେ ରହିବ ନାହିଁ କଚ୍ଚା ଘର

ଭୁବନେଶ୍ୱର, ୮।୨(ପି.ଏନ): ଏଣିକି ରାଜ୍ୟରେ କଚ୍ଚା ଘର ଆଉ ରହିବ ନାହିଁ । ଆଗାମୀ ତିନି ବର୍ଷରେ କଚ୍ଚା ଘର ଗୁଡିକୁ ପକ୍କା ଘରରେ ପରିଣତ କରା ଯିବ ବୋଲି ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ପକ୍କା ଘର ପ୍ରଦାନ କରିବାକୁ ଏକ ଯୋଜନା ପ୍ରସ୍ତୁତ କରୁଛନ୍ତି ।

# ଦାରିଙ୍ଗବାଡିରେ ପଥର ଖୋଲରୁ ବାହାରୁଛି ଡିଜେଲ : ବିଭିନ୍ନ ଉପାୟରେ ସଂଗ୍ରହ କରୁଛନ୍ତି ଜନସାଧାରଣ

କନ୍ଧମାଳ, ୮।୨(ପି.ଏନ): ଆଜି କନ୍ଧମାଳ ଜିଲା ଦାରିଙ୍ଗବାଡିରେ ଥିବା ଗୋଟିଏ ବିଲ ଭିତରେ ଥିବା ଏକ ପଥର ଖୋଲରୁ ଡିଜେଲ ବାହାରୁଥିବା ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଲୋକେ ସେଠାରେ ପହଂଚି ବୋତଲଠାରୁ ଆରମ୍ଭ କରି ବାଲଟି ଓ ବିଭିନ୍ନ ବାସନକୁସନରେ ସେଠାରୁ ଡିଜେଲ ବାହାରକରି ବୋହି ନେବାରେ ଲାଗିଛନ୍ତି ।ସୂଚନା ଅନୁସାରେ, ଦାରିଙ୍ଗବାଡି ଲଦାପଙ୍ଗା ଠାରେ ଏକ ବିଲ ଭିତରେ ଥିବା ଗୋଟିଏ ପଥର ଖୋଲରୁ ପାଣି ସମେତ ଏହି ଡିଜେଲ ଆପେ ଆପେ ବାହାରୁଥିବା ଜଣାପଡିଛି । ଏହାକୁ ସଂଗ୍ରହ କରିବା ପାଇଁ ଲୋକେ ସେଠାରେ ପହଂଚି ବୋତଲ ଠାରୁ ଆରମ୍ଭ କରି ବିଭିନ୍ନ ବାସନକୁସନରେ ଏହି ଡିଜେଲ ସଂଗ୍ରହ କରୁଛନ୍ତି । ଏଥିପାଇଁ ସେଠାରେ ଭିଡ଼ ଲାଗିଥିବା ଦେଖିବାକୁ ମିଳିଛି । ତେବେ ସେଠାରୁ ପ୍ରାୟ କିଛି ଦୂରରେ ଥିବା ଏକ ପେଟ୍ରୋଲ ପମ୍ପରୁ ଏହି ଡିଜେଲ ଲିକ୍ ହୋଇଆସୁଥିବା ନେଇ ଚର୍ଚ୍ଚା ହୋଇଥିଲା । ହେଲେ ପେଟ୍ରୋଲ ପମ୍ପର ମାଲିକ ଅରୁପ କୁମାର ସାହୁ ଏହି କଥାକୁ ଅସ୍ୱିକାର କରିବା ସହିତ ତାଙ୍କର ପେଟ୍ରୋଲ ଟାଙ୍କିରେ କୌଣସି ତୃଟି ନାହିଁ ବୋଲି କହିଛନ୍ତି । ଏହାଦ୍ୱାରା ସେଠାରେ ଖଣିଜ ତୈଳ ଥିବାର ଅନୁମାନ କରାଯାଉଛି । ଆଜି ସକାଳେ ସେଠାରେ ଥିବା ଏକ ଚୁଆରେ ଗାଧୋଇବାକୁ ଲୋକେ ଯାଇଥିବାବେଳେ ସେଠାରୁ ଡିଜେଲ ଗନ୍ଧ ଆସିବାପରେ ସେହି ପାଣିକୁ ପରୀକ୍ଷା କରିଥିଲେ ଏବଂ ସେଠାରୁ ଡିଜେଲ ବାହାରୁଥିବା ଜାଣିବାକୁ ପାଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଡିଜେଲ ନେବାପାଇଁ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା । ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଦାରିଙ୍ଗବାଡି ଥାନା ଅଧିକାରୀ କୌଶିକ ମାଝୀ ସଦଳବଳେ ଘଟଣାସ୍ଥଳରେ ପହଂଚି ଭିଡ଼କୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଛନ୍ତି । ଦଇତାରୀ ପତ୍ରା ନାମକ ବ୍ୟକ୍ତି ଜମି ମାଲିକ ସେହି ଜମିରେ ଚାଷ କରିଥିଲେ । କିନ୍ତୁ, ଏହି ଡିଜେଲ ପ୍ରଭାବରେ ତାଙ୍କର ଫସଲ ନଷ୍ଟ ହୋଇଯାଇଥିବା ନେଇ ସେ ଚିନ୍ତିତ ଥିବା ଏବଂ ଏହାର କ୍ଷତିପୂରଣ ଦାବୀ କରିଥିବା ଜଣାପଡିଛି ।

## ଆଜି ବି ବର୍ଷିବ, ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରୀ କଲା ପାଣିପାଗ ବିଭାଗ

ଭୁବନେଶ୍ୱର, ୮।୨(ପି.ଏନ): ବିହାର ଓ ଏହାର ଆଖ ପାଖ ଅଂଚଳରେ ସୃଷ୍ଟ ଘୁର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ । ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡିଶାର ଜିଲ୍ଲାମାନଙ୍କରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ୯ ତାରିଖ ପୂର୍ବାହ୍ନ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଥିବା ୧୩ ଟି ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରୀ କରିଛି । ଏହି ସବୁ ଜିଲ୍ଲା ଗୁଡିକ ହେଲା ନୟାଗଡ , କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ, ଯାଜପୁର, ଭଦ୍ରକ,କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଖୋର୍ଦ୍ଧାଳ ଗଂଜାମ, ପୁରୀ ଓ କନ୍ଧମାଳ । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଏହି ଜିଲ୍ଲା ଗୁଡିରେ ବର୍ଷା ସହ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ସେହିପରି ସୁନ୍ଦରଗଡ, କେନ୍ଦୁଝର, ଝାରସୁଗୁଡା , ବରଗଡ, କଳାହାଣ୍ଡି , ସୋନପୁର ଓ ବଲାଙ୍ଗୀର ଆଦି ଜିଲ୍ଲାମାନଙ୍କରେ ଘନ କୁହୁଡି ଦେଖାଦେବ । ୯ ତାରିଖ ମଧ୍ୟାହ୍ନ ପର ଠାରୁ ୧୦ ତାରିଖ ପୂର୍ବାହ୍ନ ପର୍ଯ୍ୟନ୍ତ ଗଜପତି ,ଗଂଜାମ, ରାୟଗଡା, ମାଲକାନଗିରି, କୋରାପୁଟ, କନ୍ଧମାଳର କିଛି ଅଂଚଳ ସମେତ ନବରଙ୍ଗପୁର, କଳାହାଣ୍ଡି, ଖୋର୍ଦ୍ଧା , ପୁରୀ , ନୟାଗଡ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର ଏବଂ ମୟୁରଭଂଜ ଜିଲ୍ଲାରେ ସାମାନ୍ୟ ବର୍ଷା ହୋଇପାରେ । ଏହି ସମୟ ମଧ୍ୟରେ ଅନୁଗୁଳ , ସୋନପୁର,କେନ୍ଦୁଝର , ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାରେ ଶୀତର ଲହରୀ ଜାରୀରହିବ । ସୁନ୍ଦରଗଡ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, କନ୍ଧମା, ଅନୁଗୁଳ, ଢେଙ୍କାନାଳ , ଭଦ୍ରକ ଓ କଟକ ଜିଲ୍ଲାରେ ଘନ କୁହୁଡି ଦେଖାଦେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

# ସିଏଏ ନାଗରିକତା ଦେବ, ଛଡ଼ାଇବ ନାହିଁ : କେନ୍ଦ୍ରମନ୍ତ୍ରୀ ଅଠାୱଲେ

ଭୁବନେଶ୍ୱର, ୮।୨(ପି.ଏନ): ନାଗରିକତା ସଂଶୋଧନ ଆଇନ (ସିଏଏ) ନାଗରିକତ୍ୱ ଛଡ଼ାଇବା ପାଇଁ ନୁହେଁ ବରଂ ପ୍ରଦାନ ପାଇଁ ଉଦ୍ଦିଷ୍ଟ ବୋଲି କହିଛନ୍ତି କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାମଦାସ ଅଠାୱଲେ । ଶନିବାର ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଏହା ନାଗରିକମାନଙ୍କ ସ୍ୱାର୍ଥ ପାଇଁ ହୋଇଥିଲେ ମଧ୍ୟ କଂଗ୍ରେସ ସମେତ ଅନ୍ୟ କେତେକ ବିରୋଧୀ ଦଳ ଲୋକମାନଙ୍କୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିବା ଯୋଗୁ ଦେଶରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହେଉଛି । ଏନଆରସି ବା ଜାତୀୟ ନାଗରିକ ପଞ୍ଜିକା କେବଳ ଆସାମ ପାଇଁ ଉଦ୍ଦିଷ୍ଟ, ଏଥିନେଇ କୌଣସି ଦ୍ୱିମତ ନାହିଁ ବୋଲି ସେ କହିଥିଲେ । ସାରା ଦେଶରେ ଏନଆରସି ଲାଗୁ କରିବାର କୌଣସି ନିଷ୍ପତି ସରକାର ନେଇ ନାହାନ୍ତି । ସେ ଆହୁରି କହିଥିଲେ ଯେ ସିଏଏ ଦ୍ୱାରା ମୁସଲମାନଙ୍କର କୌଣସି କ୍ଷତି ହେବ ନାହିଁ । ଯଦି କୌଣସି କ୍ଷତି ହୁଏ ତା'ହେଲେ ସେ ମୁସଲମାନଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଶ୍ରୀ ଅଠାୱଲେ ପ୍ରକାଶ କରିଥିଲେ । ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗରେ କେବଳ ରାଜନୀତି କରୁଛନ୍ତି । କେନ୍ଦ୍ର ସରକାର ସର୍ବଦା ମୁସଲିମ ସମ୍ପ୍ରଦାୟଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଆସିଛନ୍ତି । ତିନି ତଲାକ ପ୍ରଥାର ଉଚ୍ଛେଦ ଫଳରେ ମୁସଲିମ ମହିଳାମାନଙ୍କୁ ସେମାନଙ୍କ ଅଧିକାର ମିଳିପାରିଛି । ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ସବକା ସାଥ, ସବକା ବିକାଶ ଓ ସବକା ବିଶ୍ୱାସ ଭାବନା ନେଇ କାମ କରୁଛନ୍ତି । ତେଣୁ ମୁସଲିମମାନେ କେନ୍ଦ୍ର ସରକାରଙ୍କ ପ୍ରତି ବିଶ୍ୱାସ ରଖିବା ଦରକାର ବୋଲି ଶ୍ରୀ ଅଠାୱଲେ କହିଥିଲେ । ଅଯୋଧ୍ୟା ରାୟ ସମ୍ପର୍କରେ ମତପ୍ରକାଶ କରି କେନ୍ଦ୍ରମନ୍ତ୍ରୀ କହିଥିଲେ, ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ରାୟକୁ ଦେଶ ସକାରାତ୍ମକ ଭାବେ ସ୍ୱୀକାର କରିଛି । ଶ୍ରୀରାମ ଜନ୍ମଭୂମି ମନ୍ଦିର ଟ୍ରଷ୍ଟ ଗଠନ କରିବା ଲାଗି ସଂସଦରେ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ଟ୍ରଷ୍ଟରେ ଜଣେ ମହିଳା ଓ ଅନ୍ୟ ଜଣେ ଦଳିତଙ୍କୁ ସାମିଲ କରାଯିବା ସ୍ୱାଗତଯୋଗ୍ୟ । ତେବେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଅନୁସାରେ ଅଯୋଧ୍ୟାରେ ମୁସଲମାନଙ୍କୁ ୫ ଏକର ଜମି ମସଜିଦ ନିର୍ମାଣ ପାଇଁ ଦିଆଯିବ । ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ନିର୍ଯାତନା ନିବାରଣ ଆଇନ ୧୯୮୯କୁ କଡ଼ାକଡ଼ି ଲାଗୁ କରାଗଲେ ଦଳିତମାନଙ୍କ ଉପରେ ହେଉଥିବା ଅତ୍ୟାଚାର ହ୍ରାସ ପାଇବ । ଓଡ଼ିଶାରେ ୨୦୧୮ ବର୍ଷରେ ୨୩୨୦ ଓ ୨୦୧୯ ବର୍ଷରେ ୨୪୬୯ଟି ଦଳିତ ନିର୍ଯାତନା ମାମଲା ରୁଜୁ ହୋଇଛି । ବ୍ୟାପକ ସାମାଜିକ ସଚେତନତା ସତ୍ତ୍ୱେ ଏପରି ମାମଲା ବୃଦ୍ଧି ପାଇବା ବାସ୍ତବରେ ଦୁଃଖଦ ବୋଲି ସେ ମତବ୍ୟକ୍ତ କରିଥିଲେ । ସାମାଜିକ ସମତା ଆଣିବା ପାଇଁ ସବର୍ଣ୍ଣ-ଅସବର୍ଣ୍ଣ ବିବାହକୁ ପ୍ରୋତ୍ସାହନ ଦେବା ଆବଶ୍ୟକ । ଆନ୍ତଃଜାତି ବିବାହ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଢ଼େଇ ଲକ୍ଷ ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯାଉଥିବା ସ୍ଥଳରେ ବିଧିବଦ୍ଧ ଆବେଦନ କରାଗଲେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଅତିରିକ୍ତ ଅଢ଼େଇ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯିବ । ସାରା ଦେଶରେ ବାର୍ଷିକ ୧ ଲକ୍ଷରୁ ଅଧିକ ଆନ୍ତଃଜାତି ବିବାହ ହେଉଛି ବୋଲି ସେ କହିଥିଲେ । ତେବେ କେତେକ କ୍ଷେତ୍ରରେ କେବଳ ଅର୍ଥ ହାସଲ କରିବା ଲାଗି ଆନ୍ତଃଜାତି ବିବାହ କରାଯାଉଥିବା ଦେଖିବାକୁ ମିଳିଛି । ଏପରି ମାମଲା ପ୍ରତି ବିଶେଷ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ । କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଓଡ଼ିଶାରେ ୧ ଲକ୍ଷ ୩୯ ହଜାରରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ପ୍ରାକ ମାଟ୍ରିକ ଛାତ୍ରବୃତି ଯୋଗାଇ ଦିଆଯାଉଥିବା ସମୟରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ମାଟ୍ରିକ ପରବର୍ତୀ ଛାତ୍ରବୃତି ଯୋଗାଇ ଦିଆଯାଉଛି । ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ ପାଇଁ ଗତ ଦୁଇଟି ଆର୍ଥିକ ବର୍ଷରେ ୮୩ କୋଟି ଟଙ୍କା ଲେଖାଏଁ ଅନୁଦାନ ଯୋଗାଇ ଦିଆଯାଇଛି । ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କ ପାଇଁ ୬ ହଜାର ଛାତ୍ରାବାସ ନିର୍ମାଣ କରାଯାଇଛି । ଆମ ସରକାର ଦିବ୍ୟାଙ୍ଗ ଜନଙ୍କ ସଶକ୍ତିକରଣ ପାଇଁ ପ୍ରତିଶ୍ରୁତିବଦ୍ଧ । ସରକାର ଦିବ୍ୟାଙ୍ଗଙ୍କ ପାଇଁ ଚାକିରି କ୍ଷେତ୍ରରେ ସଂରକ୍ଷଣରୁ ୩ରୁ ୪% ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣକୁ ୪ରୁ ୫%କୁ ବୃଦ୍ଧି କରିଛନ୍ତି । ଦିବ୍ୟାଙ୍ଗଙ୍କ କଲ୍ୟାଣ ଉଦ୍ଦେଶ୍ୟରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ସୁଗମ୍ୟ ଭାରତ ଯୋଜନା ଆରମ୍ଭ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ । ୨୦୨୨ରେ ଦେଶ ସ୍ୱାଧୀନତାର ୧୫୦ ବର୍ଷ ପୂର୍ତି ହେଉଥିବାରୁ ସମସ୍ତଙ୍କୁ ଆବାସ ଯୋଗାଇବା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ । ଅଧିକ ସଂଖ୍ୟକ ପଛୁଆବର୍ଗଙ୍କୁ ଆବାସ ଯୋଜନାରେ ସାମିଲ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ସବର୍ଣ୍ଣଙ୍କ କଲ୍ୟାଣ ପାଇଁ ମଧ୍ୟ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ । ଆର୍ଥିକ ଦୁର୍ବଳ ଶ୍ରେଣୀର ସାଧାରଣ ବର୍ଗଙ୍କ ପାଇଁ ମଧ୍ୟ ୧୦% ସଂରକ୍ଷଣ ଘୋଷଣା କରାଯାଇଥିବା କେନ୍ଦ୍ର ମନ୍ତ୍ରୀ ଶ୍ରୀ ଅଠାୱଲେ ସୂଚନା ଦେଇଥିଲେ ।









## ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି । ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି । ସମସ୍ତେ ହେଉଛନ୍ତି ରୋବଟ । ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି । ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି । 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି । ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି । ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ । 'ହେନ ନା' ଅର୍ଥ ଅଲୌକିକ । ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ । ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି । ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି ।

# ରୀୟାଙ୍କ ଅଧୁରା ସ୍ୱପ୍ନ



ଓଡ଼ିଆ ସିନେ ଜଗତର ଜଣେ ଲୋକପ୍ରିୟ ହଟ୍ ଆଣ୍ଡ ସେକ୍ସି ହିରୋଇନ୍ ତାଲିକାର ଶୀର୍ଷରେ ଥିବା ରୀୟା ଦେ ଇତିମଧ୍ୟରେ ବେଶ କେତୋଟି ସିନେମାରେ ଅଭିନୟ କରିସାରିଲେଣି । ଇତିମଧ୍ୟରେ ସେ ଓଲିଉଡ୍‌ର ଅଧିକାଂଶ ଟପ୍ ନିର୍ଦ୍ଦେଶକ ଓ ନାମୀ ପ୍ରଯୋଜନା ସଂସ୍ଥାର ଫିଲ୍ମରେ ବି କାମ କରିସାରିଲେଣି । ଖାଲି ସେତିକି ନୁହେଁ ସେ ଓଡ଼ିଆ ଚଳଚ୍ଚିତ୍ରର ଅଧିକାଂଶ ଲୋକପ୍ରିୟ ନାୟକଙ୍କ ବିପକ୍ଷରେ ପରଦାରେ ମଧ୍ୟ ରୋମାନ୍ସ କରିବାର ସୁଯୋଗ ପାଇଛନ୍ତି । ଏବେ ଆପଣମାନେ ପଚାରିବେ, ରୀୟା ଏତେ ସବୁ ସଫଳତା ପାଇବା ସତ୍ତ୍ୱେ ତାଙ୍କର ସ୍ୱପ୍ନ କିପରି ପୂରଣ ହୋଇପାରିନାହିଁ? ରୀୟା ଏକଦା ଏକ ସାକ୍ଷାତକାରରେ କହିଥିଲେ ଯେ ଓଲିଉଡ୍‌ର ନାମୀ ନାୟକ ଅନୁଭବ ମହାନ୍ତିଙ୍କ ନାୟିକା ଭାବେ ପରଦାରେ ଦେଖା ଦେବାକୁ ଚାହାଁନ୍ତି । ହେଲେ ଏହି ଅଭିଳାଷ ତାଙ୍କର ଏଯାବତ୍ ଅପୂରଣୀୟ ହୋଇ ରହିଯାଇଛି । କାରଣ ତାଙ୍କୁ କୌଣସି ନିର୍ମାତା/ ନିର୍ଦ୍ଦେଶକ ଅନୁଭବଙ୍କ ସହ ଫିଲ୍ମର ଅଫର୍ କରୁନାହାନ୍ତି । ଏଠାରେ ସୂଚନାଯୋଗ୍ୟ କି ରୀୟା ଇତିମଧ୍ୟରେ ସିଦ୍ଧାନ୍ତ, ଅରିନ୍ଦମ୍, ବାବୁସାନ୍, ସବ୍ୟସାଚୀ, ଆକାଶ ଓ ଅଭିଷେକ ପ୍ରମୁଖଙ୍କ ବିପକ୍ଷରେ ରୂପେଲି ପରଦାରେ ନଜର ଆସିଛନ୍ତି ନାୟିକା ଭାବେ । ଦେଖାଯାଉ, କେବେ ରୀୟାଙ୍କ ଉପରେ ଅନୁଭବଙ୍କର କୌଣସି ନିର୍ମାତା/ ନିର୍ଦ୍ଦେଶକଙ୍କର ଶୁଭଦୃଷ୍ଟି ପଡୁଛି । ଯଦ୍ୱାରା ତାଙ୍କର ଏହି ସ୍ୱପ୍ନ ପୂରଣ ହେବ !

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ । ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି



ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ । ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି । ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।




# ଜଗଜ୍ଜନନୀ ଶ୍ରୀ ଶ୍ରୀ ଲକ୍ଷ୍ମୀ ମା'



'ଜାଣେନା, ପାରେନା, ନାହିଁ ତ ଘରେ, ଏ ତିନି କଥାକୁ ଦେବତା ଡରେ'। ଏହି ତିନୋଟି କଥା କେବେ ବି କେହି ଶୁଣିବାକୁ ପାଇନାହାଁନ୍ତି ପରମରାଧା ଜଗଜ୍ଜନନୀ ଦିବ୍ୟମାତା ଶ୍ରୀମତୀ ଷୋଡ଼ଶୀବାଳା ଦେବୀ (ଶ୍ରୀ ଶ୍ରୀ ଲକ୍ଷ୍ମୀ ମାଆ-ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହଧର୍ମିଣୀ)ଙ୍କ ନିକଟରୁ। ଶ୍ୱଶୁର, ଶାଶୁ କିମ୍ବା ସ୍ୱାମୀ ଯେତେବେଳେ ଯେଉଁ କାମ କଥା କୁହନ୍ତି, ବିନା ଦ୍ୱିଧାରେ ବିନା ଆପତ୍ତିରେ ବରଂ ପରମ ଆନନ୍ଦରେ ଆଗେଇ ଯାଆନ୍ତି 'ହଁ ପାରିବି' କହି। ସେଥିପାଇଁ ଘରର ସମସ୍ତ କାର୍ଯ୍ୟ ବଧୂ ଉପରେ ଛାଡ଼ି ଦେଇ ବାହାର କାମରେ ଚାଲିଯାଆନ୍ତି ଶାଶୁ ଶ୍ରୀମତୀ ମନମୋହିନୀ ଦେବୀ। ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ। ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ। ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ। ଦିନକର ଘଟଣା- ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ। ବ୍ୟସ୍ତ ବିବ୍ରତ ହୋଇ କହିଲେ 'ବଡ଼ବୌ (ବଡ଼ବୋହୂ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ?' ଜଣଙ୍କର ପୁଅ ଖୁବ୍ ଅସୁସ୍ଥ। ଔଷଧ କିଣିବା ପାଇଁ ପଇସା ନାହିଁ। କାଳବିଳମ୍ବ ନକରି ସେହିକ୍ଷଣି ହିଁ ମାଙ୍କେଡ଼ି (କାନଫୁଲ) ଦୁଇଟି ଖୋଲି ସ୍ୱାମୀଙ୍କ ଶ୍ରୀହସ୍ତରେ ଦେଇଦେଲେ ସହଧର୍ମିଣୀ। ନେଇ ଚାଲିଗଲେ ମଧ୍ୟ ସ୍ୱାମୀ ଦେବତା।

କିନ୍ତୁ ବୋହୂର କାନରେ ମାଙ୍କେଡ଼ି ପଚାରିଲେ ଶାଶୁଦେବୀ-'ବୋହୂମା' କାନର ମାଙ୍କେଡ଼ି କ'ଣ ହେଲା?' କିଛି ଉତ୍ତର ନଦେଇ ଛିଡ଼ା ହୋଇ ରହିଲେ କୂଳବଧୂ। ଉତ୍ତର ନପାଇ ଏବେ ଟିକେ କଡ଼ା ଗଳାରେ କହିଲେ ଶାଶୁଦେବୀ - 'ହୁଏତ ହଜେଇ ଦେଇଛ, ନ ହେଲେ ବାପଘରେ ରଖି ଆସିଛ। ଆଉ କ'ଣ ହେବ?' ତଥାପି ବଧୂଟି ନିରୁତ୍ତର। ଶାଶୁଦେବୀ ବାରଣ୍ଡାରେ ବସିଥିବା ଅବସ୍ଥାରେ ଜଣେ ବ୍ୟକ୍ତି ଆସି କହିଲା, - 'ଏଇ ନିଅନ୍ତୁ ମା' ମାଙ୍କେଡି ଦୁଇଟା। ଆପଣମାନେ ଗରିବଙ୍କର ମା'ବାପା। ଏଇ ସୁନା ଟିକକ ଆପଣ ନଦେଇଥିଲେ ମୋ ପୁଅକୁ ବଞ୍ଚାଇ ପାରିନଥାନ୍ତି। ଏହି ସୁନାକୁ ବନ୍ଧା ପକାଇ ପୁଅର ଔଷଧ ଆଣିଥିଲି। ମାସକ ପରେ ଆଜି ମୁକୁଳାଇ ଆଣିପାରିଛି।' କୃତଜ୍ଞତାରେ ମାଟିରେ ମଥାନତ କରି ଆଖିରୁ ଲୁହ ପୋଛି ପୋଛି ଚାଲିଗଲା ଲୋକଟି। ଏଥର ଶାଶୁଦେବୀଙ୍କର ବୁଝିବାରେ ଆଉ କିଛି ବି ବାକି ରହିଲାନି। ବୋହୂଟି ଘର ଭିତରେ ଥାଇ ସବୁ ଶୁଣି ମଧ୍ୟ ପଦେ ବି କଥା କହିଲେ ନାହିଁ। ଏହିପରି ବହୁ ଘଟଣା ଘଟିଯାଇଛି ଏଇ ସ୍ୱାମୀ ମନୋବୃତ୍ୟାନୁସାରିଣୀ ଜଗଜ୍ଜନନୀ ଶ୍ରୀ ଶ୍ରୀ ଷୋଡ଼ଶୀବାଳା ଦେବୀଙ୍କର ବାସ୍ତବ ଜୀବନରେ। ଧୈର୍ଯ୍ୟ ଓ ସହିଷ୍ଣୁତାର ପ୍ରତିମୂର୍ତ୍ତି ଥିଲେ ଶ୍ରୀ ଶ୍ରୀ ଲକ୍ଷ୍ମୀ ମାଆ। ଯେଉଁଥିପାଇଁ ସାରା ବିଶ୍ୱରେ ଆଜି ସୃଷ୍ଟି ହୋଇଛି ତାଙ୍କର ସ୍ୱତନ୍ତ୍ର ପରିଚୟ ବିଶ୍ୱ ଜନନୀ ଶ୍ରୀ ଶ୍ରୀ ଲକ୍ଷ୍ମୀମା' ନାମରେ ସ୍ୱାମୀଙ୍କର ଇଚ୍ଛା ପରିପୂରଣ ପାଇଁ ସେ ସମସ୍ତ କିଛି ହିଁ କରିପାରନ୍ତି। ସେଥିପାଇଁ ଅନ୍ତିମ ସମୟରେ ସ୍ୱାମୀ ଦେବତା ବିଶ୍ୱପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶ୍ରୀମୁଖରୁ ସେଦିନ ସ୍ପଷ୍ଟ ଉଚ୍ଚାରିତ ହୋଇଥିଲା-'ତୁମେ କେବଳ ବଡ଼ଖୋକା (ବଡ଼ପୁଅ)ର ମା' ନୁହଁ, ତୁମେ ସାରା ଜଗତର ମା', ତୁମେ ବିଶ୍ୱ ଜନନୀ।' ଏହି ମହିୟସୀ କୂଳବଧୂ ଆଉ କେହି ନୁହନ୍ତି ହେଉଛନ୍ତି ଯୁଗାବତାର ପରମପ୍ରେମମୟ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଲୀଳା ସଙ୍ଗିନୀ ପରମା ପ୍ରକୃତି ପରମ ଆରାଧ୍ୟା ଶ୍ରୀ ଶ୍ରୀ ଲକ୍ଷ୍ମୀ ମା'।

ଆଜକୁ ୧୨୫ ବର୍ଷ ପୂର୍ବେ ୧୩୦୧ ସାଲ, ଶ୍ରାବଣ-୧୪ ଦିନ ଶ୍ରାବଣ କୃଷ୍ଣ ଦ୍ୱାଦଶୀ ତିଥିରେ ପୂର୍ବ ବଙ୍ଗଳା ଅନ୍ତର୍ଗତ ପାବନା ଜିଲ୍ଲା ଧୋପାଦହ ଗ୍ରାମ ନିବାସୀ ଶ୍ରୀଯୁକ୍ତ ରାମଗୋପାଳ ଭଟ୍ଟାଚାର୍ଯ୍ୟ ଏବଂ ଶ୍ରୀମତୀ ତ୍ରିନୟନୀ ଦେବୀଙ୍କର କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ଧରାପୃଷ୍ଠରେ। ସମସ୍ତ ନାରୀ ଜଗତ ତାଙ୍କରି ପଥର ପଥିକ ହୋଇ, ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ ହୋଇଉଠନ୍ତୁ ସୁଗୃହିଣୀ, ସ୍ୱାମୀ ମନୋବୃତ୍ୟାନୁସାରିଣୀ, ଆଦର୍ଶନାରୀ ତଥା ଦେବ ସନ୍ତାନର ଜନନୀ। ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାତୃଜାତିକୁ ସମ୍ମାନ ସହ ଆହ୍ୱାନ ଦେଇ କହିଛନ୍ତି-ମା'ମୋର, ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା, ପୁରୁଷ-ଜନସାଧାରଣଙ୍କ ଭିତରେ ଯେପରି ଏପରି ଗୋଟାଏ ଭାବର ସୃଷ୍ଟି କରେ-ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ, ସସମ୍ଭ୍ରମେ ଭକ୍ତିଗଦ୍‌ଗଦ କଣ୍ଠରେ,- 'ମା'ମୋର-ଜନନୀ ମୋର', କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି-ତେବେ ହିଁ ତୁମେ ନାରୀ, ତେବେ ହିଁ ତୁମେ ସତୀ।

**ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ,**
**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ପାଥୋଲୋଜି ବିଭାଗ, ପିଆରଏମ୍ ମେଡ଼ିକାଲ କଲେଜ, ବାରିପଦା, ଦୂରଭାଷ : ୯୪୩୮୩୬୯୫୪୯**

# ଭୌମନଗର ପାଠାଗାର ତରଫରୁ ମଧୁବାବୁଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ଗତ ମଙ୍ଗଳବାର ୱାର୍ଡ ନଂ-୩୬ ଅନ୍ତର୍ଗତ ଭୌମନଗର ପାଠାଗାରଠାରେ ମହାନ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା, ସ୍ୱାଭିମାନୀ, ସୁକବି, ଲେଖକ, ଆଇନ୍ ବିଶାରଦ ତଥା ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୬ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କର୍ପୋରେଟର ନରେନ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କମାଣ୍ଡର ସାମଲ, ସୌରେନ୍ଦ୍ର ମହାପାତ୍ର, ପ୍ରବାସୀ ଓଡ଼ିଆ ପ୍ରିୟଦର୍ଶୀ ଦାସ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ତାଙ୍କର ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ଼ର ସଭାପତି ଶିବ ସୁଆର, ସମ୍ପାଦକ ଶେଖ ତସବୀର, ଶେଖ ମେହେବୁବ, ଉତ୍ତମ ସାମନ୍ତରାୟ, ଚନ୍ଦ୍ରଶେଖର ସାମଲ ପ୍ରମୁଖ ଯୋଗଦେଇ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ, ପ୍ରଥମ ଓଡ଼ିଆ ସ୍ନାତକ, ବିହାର-ଓଡ଼ିଶା ବିଧାନସଭା ସଦସ୍ୟ, ପ୍ରଥମ ମନ୍ତ୍ରୀ, ବିଶିଷ୍ଟ ଆଇନ ବିଶାରଦ ତଥା ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ସେ ଯେଉଁ ସଂଗ୍ରାମ ଜାରି ରଖିଥିଲେ, ତାହା ଅବିସ୍ମରଣୀୟ। ତାଙ୍କରି ଆଦର୍ଶରେ ଆଜିର ଯୁବପିଢ଼ୀ ଅନୁପ୍ରାଣିତ ହେବା ପାଇଁ ମତବ୍ୟକ୍ତ କରିଥିଲେ। ଶେଷରେ ସଭାପତି ଶ୍ରୀଯୁକ୍ତ ସୁଆର ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଉପସ୍ଥିତ ଜନସାଧାରଣମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## 'ସଂହତି' ପକ୍ଷରୁ ପରିବେଶ ସଚେତନତା ନିମନ୍ତେ ଏକ ସବୁଜ ପ୍ରୟାସ 'ପ୍ରକୃତି-୨୦୨୦'

ଭୁବନେଶ୍ୱର (ପିଏନ୍) : ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ଚୌଦ୍ୱାର ନିକଟସ୍ଥ ମା' ଡ଼ମଡ଼ମଣି ପୀଠସ୍ଥଳୀରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ସଂହତି' ପକ୍ଷରୁ ବୃକ୍ଷରୋପଣ, ବନ୍ୟପ୍ରାଣୀ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ଏକ ଗ୍ରାମ୍ୟସ୍ତରୀୟ ସଚେତନତା ଓ ଆଲୋଚନାଚକ୍ର 'ପ୍ରକୃତି-୨୦୨୦' ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସୁରେଶ ଚନ୍ଦ୍ର ପ୍ରଧାନ ଓ ସମ୍ପାଦକ ଅରୁପ କୁମାର ଗିରିଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦାନ କରି ସୁରକ୍ଷା ସମ୍ପର୍କିତ ବିଭିନ୍ନ କଥାବସ୍ତୁ ଓ ଆଲୋଚନା ମାଧ୍ୟମରେ ସଚେତନ କରିଥିଲେ। ଏହାପରେ ସମସ୍ତ ଗ୍ରାମବାସୀ 'ପରିବେଶ ସୁରକ୍ଷା ଜୀବନ ରକ୍ଷା' ଦିଗରେ ନିଜର ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ତଥା ଅବଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଆହୁରି ମଧ୍ୟ ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ ଓ ଜଙ୍ଗଲ କ୍ଷୟ ରୋକିବା ଦିଗରେ ଆବଶ୍ୟକୀୟ ଉପାୟ ଓ ପଦକ୍ଷେପଗୁଡ଼ିକୁ ଜନସାଧାରଣଙ୍କ ଜ୍ଞାତସାରକୁ ଆଣିବା ପାଇଁ ପ୍ଲାକାର୍ଡ଼ମାନ ବଣ୍ଟା ଯାଇଥିଲା। ପ୍ରକୃତି ଆମର ମା'। ମା'ର ସୁରକ୍ଷା ଦାୟିତ୍ୱ ଆମ୍ଭମାନଙ୍କର। ପରିବେଶ, ବୃକ୍ଷ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଆସନ୍ତୁ ବୃକ୍ଷରୋପଣ କରିବା ଓ ବନ୍ୟପ୍ରାଣୀମାନଙ୍କୁ ସୁରକ୍ଷିତ ଓ ସବୁଜ ପରିବେଶ ପ୍ରଦାନ କରିବାରେ ସହାୟ ହେବା ପାଇଁ ସଂକଳ୍ପ ନେଇଥିଲେ।

## ରାସ୍ତାର ଦୁରବସ୍ଥା ନେଇ ୧୬ ନଂ ଜାତୀୟ ରାଜପଥ ଅବରୋଧ

ବାଲେଶ୍ୱର (ପିଏନ୍): ରେମୁଣା ବାମପଦା ଛକଠାରେ ବାମପଦା ସୁରକ୍ଷା ମଂଚପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା । ଦୀର୍ଘଦିନ ଏଠାରେ ଏକ ଫ୍ଲାଏ ଓଭରବ୍ରିଜ୍ ଓ ସମ୍ପ୍ରତି ରେଳଫାଟକ ପାଇଁ ସ୍ଥାୟୀ ଜଗୁଆଳୀ ଓ ରାସ୍ତାର ଖାଲଖମା ପୋତାଯାଇ ରାସ୍ତାକୁ ଉନ୍ନତମାନର କରିବା ଦିଗରେ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଏଥିପାଇଁ ଜାତୀୟରାଜପଥ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲାପ୍ରଶାସନ କୌଣସି ପଦକ୍ଷେପ ନେଉନଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ରାସ୍ତାର ଦୁରବସ୍ଥା ଓ ଜଗୁଆଳି ବିହୀନ ରେଳଫାଟକ ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣା ହେବାସହ ଧନଜୀବନ ହାନି ଘଟୁଛି। ତେଣୁ ରାସ୍ତା ମରାମତି ଓଭରବ୍ରିଜ୍ ନିର୍ମାଣ, ସର୍ଭିସରୋଡ ମରାମତି ଦାବି କରି ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଛି । ଏହା ପୂର୍ବରୁ ଆନ୍ଦୋଳନ ପରେ ଏନ୍‌ଏଚ୍‌ଆଇ ପକ୍ଷରୁ ରାସ୍ତା ମରାମତି କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ ହେବବୋଲି ପ୍ରତିଶୃତି ଦିଆଯାଇଥିଲା। ମାତ୍ର ପ୍ରତିଶ୍ରୁତିକୁ ଦୀର୍ଘଦିନ ବିତିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଘଟଣାସ୍ଥଳରେ ଉପଜିଲ୍ଲାପାଳ ପହଞ୍ଚି ଆଗାମୀ ୭ଦିନ ମଧ୍ୟରେ ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା ।

## ଧାରାଶ୍ରୀରାଧା ମହୋତ୍ସବର ଅନ୍ତିମ ସନ୍ଧ୍ୟା

ଭୁବନେଶ୍ୱର (ପିଏନ୍): ଓଡ଼ିଶା ଆର୍ଟ ଆଣ୍ଡ କଲ୍‌ଚର ଫାଉଣ୍ଡେସନ (ଓଏସିଏଫ୍) ପଘରୁ କବି ମଙ୍ଗଳା ପ୍ରସାଦ ପ୍ରଧାନଙ୍କ ରଚିତ 'ଧାରାଶ୍ରୀରାଧା' କାବ୍ୟକୁ ଆଧାର କରି ଏକ ଚାରିଦିନିଆ ମହୋତ୍ସବର ଅନ୍ତିମ ସନ୍ଧ୍ୟାର କାର୍ଯ୍ୟକ୍ରମ ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଶେଷ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ଓ ନିର୍ବାହୀ ଲୋପାମୁଦ୍ରା ପ୍ରଧାନ ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସର ଅଜୟ କୁମାର ସ୍ୱାଇଁ, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଡ଼. ରାମହରି ଦାସ, ପ୍ରଫେସର ତପନ କୁମାର ଗାନ୍ଧୀ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଡ. ଦିଲ୍ଲୀ ଶ୍ରୀଚନ୍ଦନ, ଚିତ୍ରଶିଳ୍ପୀ ବଳଦେବ ମହାରଥା ପ୍ରମୁଖ ବରେଣ୍ୟ ଅତିଥିବୃନ୍ଦ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍ଦେଶ୍ୟ ଓ ଗାରିମା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଚିତ୍ରଶିଳ୍ପୀ ବଳଦେବ ମହାରଥା, ସଙ୍ଗୀତଜ୍ଞ କେ. ରାମାରାଓ ପାତ୍ର, ନୃତ୍ୟଗୁରୁ ଭାଗିରଥୀ ମହାପାତ୍ର, ଗୁରୁ ନିରଞ୍ଜନ ପାତ୍ର, ପଣ୍ଡିତ ସୁରେନ୍ଦ୍ରନାଥ ଛୋଟରାୟ, ନାଟ୍ୟ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ରାଉତରାୟ ଓ ସାଧ୍ୱୀକା ହେମଲତା ତ୍ରିପାଠୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଗୁରୁ ନିମାକାନ୍ତ ରାଉତରାୟ ଓ ଶ୍ରୀମତୀ ସଙ୍ଗୀତାଞ୍ଜଳି ନନ୍ଦ, ଅନୁଜାତାରିଣୀ ମିଶ୍ର ଓ ସନୋଲି ମହାପାତ୍ର, ସୃଷ୍ଟିସ୍ୱରୂପା ଓ ବିଜୟଲକ୍ଷ୍ମୀ ଦ୍ୱୈତ ସଙ୍ଗୀତ ପରିବେଷଣ କରିଥିଲେ। ତା'ପରେ ନୃତ୍ୟଗୁରୁ ଭାଗିରଥୀ ମହାପାତ୍ର, ଶ୍ରୀମତୀ ଦିବ୍ୟାଶ୍ରୀ ପଣ୍ଡା ଓ ନୃତ୍ୟନୈବେଦ୍ୟ ଅନୁଷ୍ଠାନର ଗୁରୁ ପ୍ରଭାତ କୁମାର ସ୍ୱାଇଁ ଓ ମୈତ୍ରୀ ମାହେଶ୍ୱରୀ ଧାରାଶ୍ରୀରାଧା କାବ୍ୟର ବିଭିନ୍ନ ପ୍ରବନ୍ଧ ଉପରେ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀମାନ ଅଂଶୁମାନ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମାନବୀୟ ମୂଲ୍ୟବୋଧ ଓ ଭଗବାନ ଶ୍ରୀ ସତ୍ୟସାଇ



ସମସ୍ତଙ୍କ ସେବାକର, ସମସ୍ତଙ୍କୁ ଭଲପାଅ-ଏହି ବାର୍ତ୍ତା ହିଁ ଭଗବାନ ସମସ୍ତଙ୍କ ଭିତରେ ପ୍ରଚାର କରିଛନ୍ତି। ସତ୍ୟସାଇ ବାବାଙ୍କ ଦିବ୍ୟପ୍ରେମ ଏବଂ କୃପା ଲକ୍ଷ ଲକ୍ଷ ଆଶ୍ରିତମାନଙ୍କୁ ଭ୍ରାନ୍ତମୟ ମାନସିକ ବିକୃତିର ବ୍ୟାଧିରୁ ମୁକ୍ତ କରିବା ସହ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟର ପୌଷ୍ଟିକ କରିଛନ୍ତି। ଏହି ପ୍ରେମାବତାର ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ହାତରେ ଦ୍ୱାପର ଯୁଗରୁ ପ୍ରେମମୟ କୃଷ୍ଣଙ୍କ ପରି ଶଙ୍ଖ, ଚକ୍ର, ଗଦା, ପଦ୍ମ ନାହିଁ ସତ ହେଲେ ପଞ୍ଚମାନବୀୟ ମୂଲ୍ୟବୋଧ ଭିତ୍ତିକ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ମୂର୍ତ୍ତିମନ୍ତ ପଥପ୍ରଦର୍ଶକ ପାଲଟିଛନ୍ତି। ୧୯୪୦ ମସିହା ଅକ୍ଟୋବର ୨୦ ତାରିଖରେ ମାତ୍ର ୧୪ବର୍ଷ ବୟସରେ ଭଗବାନ ତାଙ୍କ ଦୈବତ୍ୱ ସମ୍ପର୍କରେ ଘୋଷଣା କରିଥିଲେ। ତାଙ୍କର ସର୍ବପ୍ରଥମ ଭଜନ ଥିଲା 'ମାନସ ଭଜରେ ଗୁରୁଚରଣମ୍.....'। ଶ୍ରୀ ସତ୍ୟସାଇଙ୍କ ଭାଷାରେ 'ସଂହାର ପାଇଁ ନୁହେଁ ସଂସ୍କାର ପାଇଁ ମୁଁ ଅବତାର ରୂପରେ ଆର୍ବିଭୂତ ହୋଇଛି'। ଆଜି ବିଶ୍ୱର କୋଣଅନୁକୋଣରେ ସାଇଆଶ୍ରିତମାନେ ନିଃସ୍ୱାର୍ଥପର ସେବା, ବିନମ୍ରତା, ଭଲପାଇବା, ସତ୍ୟ, ଧର୍ମ, ଶାନ୍ତି ଓ ଅହିଂସାର ପୂଜାରୀ ହୋଇ ମୂଲ୍ୟବୋଧର ପ୍ରଚାର ସହ ସାଇ ସେବାରେ ନିଜକୁ ସାମିଲ କରିଛନ୍ତି। ପ୍ରେମାବତାର ଧର୍ମ, ଶାନ୍ତି ଓ ପ୍ରେମସ୍ୱରୂପ ଭଗବାନ ଶ୍ରୀ ସତ୍ୟସାଇ ସମସ୍ତଙ୍କ ଭିତରେ ପ୍ରେମ ଆଲୋକର ଜ୍ୟୋତିକୁ ପ୍ରଜ୍ୱଳିତ କରି ସମଗ୍ର ପୃଥିବୀପୃଷ୍ଠରେ ମାନବ ଜାତିକୁ ଶାନ୍ତିର ମାର୍ଗ ଦେଖାଇଛନ୍ତି। ଭଗବାନଙ୍କ ସବୁଠାରୁ ବଡ଼ ବାଣୀଟି ହେଉଛି 'ଦୁନିଆରେ ଗୋଟିଏ ଧର୍ମ ଅଛି, ତାହା ପ୍ରେମର ଧର୍ମ। କେବଳ ଗୋଟିଏ ଜାତି ଅଛି, ତାହାହେଲା ମାନବ ଜାତି। କେବଳ ଗୋଟିଏ ଭାଷା ଅଛି ତାହା ହୃଦୟର ଭାଷା ଆଉ କେବଳ ଗୋଟିଏ ଭଗବାନ ଅଛନ୍ତି ଯେ ସର୍ବତ୍ର ବିଦ୍ୟମାନ'। ଭଗବାନ ଦିବ୍ୟ ସନ୍ଦେଶ ଓ ମୂଲ୍ୟବୋଧ ସମଗ୍ର ପୃଥିବୀ ପାଇଁ ସବୁଧର୍ମର ପ୍ରତୀକ ପରି ପ୍ରତୀୟମାନ। ପୃଥିବୀର ପାଞ୍ଚଟି ମୁଖ୍ୟ ଧର୍ମ-ହିନ୍ଦୁ, ଇସ୍‌ଲାମ, ଖ୍ରୀଷ୍ଟିୟାନ, ଯୋରାଷ୍ଟ୍ରୀୟ ଓ ବୌଦ୍ଧଧର୍ମର ପ୍ରତୀକଗୁଡ଼ିକ ସେଥିରେ ସ୍ଥାନିତ ହୋଇଛି। ଭଗବାନ ବାବା ଦୈବୀପୁରୁଷ ଭାବରେ ତାଙ୍କର ଦିବ୍ୟ ଚମତ୍କାରିତାର ଅଲୌକିକ ଲୀଳା ଅନେକ ଭାଗ୍ୟବାନ ନିକଟରୁ ଦେଖିବାର ସୁଯୋଗ ପାଇବା ସହ ଅନେକ ମଧ୍ୟ ଏହାକୁ ପ୍ରାପ୍ତିର ବିରଳ କୃପାର ସନ୍ତକ ରଖିଛନ୍ତି। ପ୍ରାଥମିକ ଭାବରେ ଅନେକ ଅନୁସନ୍ଧିତ୍ସୁ ଓ ସନ୍ଦେହି ନିକଟବର୍ତ୍ତୀ ହୋଇ ପରବର୍ତ୍ତୀ ସମୟରେ ଆଶ୍ରିତ ପାଲଟି ତାଙ୍କ ଲୀଳାର ପ୍ରଚାର କରିଛନ୍ତି। ଅଷ୍ଟ୍ରେଲୀୟ ହାୱାର୍ଡ଼ା ମାର୍ଫେଟ 'ସାଇବାବା ଅବତାର' ବହି ଇଂରାଜୀରେ ଲେଖିଛନ୍ତି। ସେହିପରି ଅନ୍ୟ ଜଣେ ବିଦେଶୀ ହିସ୍‌ଲପ୍ 'ସାଇବାବାଙ୍କ ସହିତ କଥୋପକଥନ' ପୁସ୍ତକରେ ବାବାଙ୍କୁ ବିଭିନ୍ନ ଦିଗରୁ ପ୍ରଶ୍ନ ପଚାରିଛନ୍ତି। ଏଗୁଡ଼ିକ ପ୍ରଣିଧାନଯୋଗ୍ୟ। ପ୍ରସିଦ୍ଧ ଇଂରାଜୀ ସାପ୍ତାହିକ ପତ୍ରିକା 'ବ୍ଲିଜ୍'ର ଖ୍ୟାତନାମା ସମ୍ପାଦକ ଆର୍.କେ. କରଞ୍ଜିଆ ଏକଦା ବାବାଙ୍କ ବିରୁଦ୍ଧରେ ଲେଖାମାନ ପ୍ରକାଶ କରୁଥିଲେ ସାକ୍ଷାତ କରି ପରେ ତାଙ୍କଠାରେ ଭକ୍ତି ନିବେଦନ କରିଥିଲେ। ସେହିପରି ଭାରତ ସରକାରଙ୍କର ତତ୍କାଳୀନ ବିଜ୍ଞାନ ପରାମର୍ଶଦାତା ତଥା ବିଶିଷ୍ଟ ବୈଜ୍ଞାନିକ ଡଃ ଏସ୍.ଭଗବନ୍ତମ୍ ବାବାଙ୍କ ଦ୍ୱାରା ପଦାର୍ଥର ସୃଷ୍ଟି ନିଜ ଆଖିରେ ଦେଖି ବିଶ୍ୱାସ କରିବାକୁ ବାଧ ହୋଇଥିଲେ ଏବଂ ବାବାଙ୍କର ଭକ୍ତରେ ପରିଣତ ହୋଇଥିଲେ। ପ୍ରସିଦ୍ଧ ବିଦ୍ୱାନ ଓ ସାହିତ୍ୟିକ ପ୍ରଫେସର ସ୍ୱର୍ଗତଃ ବିନାୟକ କୃଷ୍ଣ ଗୋକକ ମଧ୍ୟ ଥିଲେ ବାବାଙ୍କର ଜନୈକ ମୁଗ୍ଧ ତଥା ଶ୍ରଦ୍ଧାଳୁ ଶିଷ୍ୟ। ସେ ଇଂରାଜୀରେ ବାବାଙ୍କ ଜୀବନ ଦର୍ଶନ ସଂପର୍କରେ ଚମତ୍କାର ପୁସ୍ତକ ଲେଖିଯାଇଛନ୍ତି। ଆଜି ଶ୍ରୀ ସତ୍ୟସାଇ ସଂଗଠନ ପୃଥିବୀ ସାରା ୧୬୮ଟି ରାଷ୍ଟ୍ରରେ ଏବଂ ଭାରତର ସମସ୍ତ ରାଜ୍ୟରେ ଶ୍ରୀ ସତ୍ୟସାଇ ରାଜ୍ୟ ସଂଗଠନ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାରେ ସତ୍ୟସାଇ ସେବା ସମିତିରେ ସଂଖ୍ୟା ୧୬୦ରୁ ଉର୍ଦ୍ଧ୍ୱ ଏବଂ ସେବାଗ୍ରୁପ୍ ଓ ଭଜନମଣ୍ଡଳୀର ସଂଖ୍ୟା ମଧ୍ୟ ପାଖାପାଖି ପାଞ୍ଚଶହ। ଭଗବାନଙ୍କ ଦିବ୍ୟଲୀଳାର କ୍ଷେତ୍ର ଆନ୍ଧ୍ରପ୍ରଦେଶର ପୁଟ୍ଟପର୍ତ୍ତୀର ପ୍ରଶାନ୍ତି ନିଳୟମ୍‌ଠାରେ ସବୁ ରାଜ୍ୟରୁ ପର୍ଯ୍ୟାୟକ୍ରମେ ସେବାଦଳ କର୍ମୀଙ୍କ ଭିତରେ ଓଡ଼ିଶା ସେବାଦଳର ସେବାପରାୟଣତା ଓ ନିଷ୍ଠାପରତା ପାଇଁ ଯଥେଷ୍ଟ ସୁନାମ ରହିଛି। ପ୍ରତିବର୍ଷ ଓଡ଼ିଶା ସେବା ଦଳର ପୁରୁଷ ଓ ମହିଳା ସେବାଦଳ କର୍ମୀମାନେ ବର୍ଷକୁ ତିନିଥର ସେଠାରେ ସେବା କାର୍ଯ୍ୟ ଜାରି ରଖିଥା'ନ୍ତି। ଭଗବାନ ବାବା ଓଡ଼ିଶା ସେବାଦଳର ଉତ୍ସର୍ଗୀକୃତ ଓ ନିଷ୍ଠାପର ସେବା ପାଇଁ ଅନେକ ଥର ସନ୍ତୋଷ ପ୍ରକଟ କରି ସେମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି। ଦରିଆପାରି ସେବା ସଂସ୍ଥାରୁ ମଧ୍ୟ ଆଶ୍ରିତମାନେ ସେବାକାର୍ଯ୍ୟରେ ଯୋଗଦେଇଥା'ନ୍ତି। ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଶ୍ରୀ ସତ୍ୟସାଇ ସେବା ସଂଗଠନର ସେବାଦଳ କର୍ମୀମାନେ ସେବା କାର୍ଯ୍ୟରେ ସାମିଲ ହୋଇଥାନ୍ତି। ନିୟମିତ ଭାବରେ ସ୍ୱାସ୍ଥ୍ୟସେବା ଶିବିର, ଗୋଚିକିତ୍ସା ଶିବିର, ଅସହାୟଙ୍କୁ ଘର ଦାନ, ନାରାୟଣ ସେବା, ନିରକ୍ଷରତା ଯୋଜନା, ବୃକ୍ଷରୋପଣ, ବାଳବିକାଶ କାର୍ଯ୍ୟକ୍ରମ, ଗ୍ରାମ୍ୟ ପରିମଳ ସଫେଇ, ଯୁବସେବା ସାଧନା ଶିବିର, ନବରାତ୍ର କାର୍ଯ୍ୟକ୍ରମ, ମେଡ଼ିକାଲରେ ଗରିବ ଲୋକଙ୍କୁ ମାଗଣାରେ ଚିକିତ୍ସା ସହ ଅପରେସନ, ଶୀତ ଦିନରେ ଶୀତ ପୋଷାକ ପ୍ରଦାନ ସହ ସର୍ବଦା ସେବା କାର୍ଯ୍ୟରେ ସାମିଲ ହୋଇଥା'ନ୍ତି। ଗ୍ରୀଷ୍ମ ସମୟରେ ବିଭିନ୍ନ ସ୍କୁଲ କଲେଜ ଛୁଟି ଥିବାରୁ ଆଧ୍ୟାତ୍ମିକ ଶିକ୍ଷାଦାନ ନିମିତ୍ତ ସାଇ ସଙ୍ଗଠନ ପକ୍ଷରୁ ଗ୍ରୀଷ୍ମ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଗତବର୍ଷ ସତ୍ୟସାଇ ସଙ୍ଗଠନ ରାଜ୍ୟଶାଖା ପକ୍ଷରୁ ଚାରିଦିନ ବ୍ୟାପୀ ପଲାଇ ମୌଜାର ଓଳାଶୁଣୀ ପୀଠରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟ ବାଳବିକାଶ ଯୁଗ୍ମ ସଂଯୋଜକ ଡକ୍ଟର ଅଶୋକ କୁମାର ହୋତା, ରାଜ୍ୟ ଯୁବସଂଯୋଜ ଚିନ୍ମୟ ପତି, ଅରୁଣ କୁମାର ପଣ୍ଡା, ରାଜ୍ୟ ମହିଳା ସଂଯୋଜିକା ସୁଶ୍ରୀ ଦାସ, ଜିଲ୍ଲା ସଭାପତି ଚନ୍ଦ୍ରମଣି ସାହୁ, ପ୍ରଦୀପ କୁମାର ସ୍ୱାଇଁ, ବିଷ୍ଣୁ ଚରଣ ସାମଲ, ସୁରେଶ ଚନ୍ଦ୍ର ସାହୁ, ଉମେଶ ଚନ୍ଦ୍ର ନାୟକ, ସତ୍ୟାନନ୍ଦ ସ୍ୱାଇଁ, ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ପରିଚାଳନା କରିଥିଲେ। ସମାଜରେ ସେବା ମାଧ୍ୟମରେ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିବାରେ ଶ୍ରୀ ସତ୍ୟସାଇ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମସ୍ତଙ୍କ ଭିତରେ 'ସମସ୍ତଙ୍କୁ ଭଲପାଅ ଓ ସମସ୍ତଙ୍କୁ ସେବା କର'ର ଦିବ୍ୟବାଣୀ ଅନୁପ୍ରେରିତ କରୁ ସମାଜରେ ଭଲ କାମ କରିବା ପାଇଁ। ଏହି ଶିବିର ଯୁବ ଓ ଶିକ୍ଷାର୍ଥୀ ପିଢ଼ୀମାନଙ୍କୁ ଆଧ୍ୟାତ୍ମିକ ପଥରେ ଅନୁପ୍ରାଣିତ କରୁ ଏହା ହିଁ କାମନା।

**ସୁମନ୍ତ କୁମାର ଭୂୟାଁ, ଆବାହକ,**
**ଶ୍ରୀ ସତ୍ୟସାଇ ସେବା ସମିତି, ପଲାଇ, ଯାଜପୁର,**
**ଦୂରଭାଷ: ୯୯୩୭୪୭୦୯୮୦**

# ରାଜ୍ୟ ଉଠାଜଳସେଚନ ନିଗମ ଅଧ୍ୟକ୍ଷଙ୍କ କନ୍ଧମାଳ ଜିଲ୍ଲା ଗସ୍ତ



ଭୁବନେଶ୍ୱର (ପିଏନ୍): ରାଜ୍ୟ ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଶ୍ରୀ ଅମରେଶ ପତ୍ରୀ ଦୁଇଦିନିଆ କନ୍ଧମାଳ ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହିତ ପ୍ରଥମ ଦିନରେ ବାଲିଗୁଡା ଓ.ଏଲ୍.ଆଇ.ସି ସବ୍ ଡିଭିଜନ ଓ ଦ୍ୱିତୀୟ ଦିନରେ ଫୁଲବାଣୀ ଡିଭିଜନ କାର୍ଯ୍ୟାଳୟରେ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଶ୍ରୀଯୁକ୍ତ ପତ୍ରୀ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ସଂପର୍କରେ ସଂପୃକ୍ତ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ । ଶ୍ରୀ ପତ୍ରୀ ତାଙ୍କର ଏହି ୨ ଦିନିଆ କନ୍ଧମାଳ ଜିଲ୍ଲା ଗସ୍ତ ସମୟରେ ଜିଲ୍ଲାର ପାହାଡିଆ ତଥା ଦୁର୍ଗମ ଅଂଚଳ ଗସ୍ତକରି ବିଭିନ୍ନ ବ୍ଲକରେ ଥିବା ଗଭୀର କୂପ, ରିଭର ଲିଫ୍ଟ, ମାଇକ୍ରୋ ରିଭର ଲିଫ୍ଟ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ଚାଷୀମାନେ ନିଗମ ଅଧ୍ୟକ୍ଷଙ୍କୁ ନିଜ ଚାଷ ଜମିରେ ନିଜର ସୁବିଧା ଅସୁବିଧା ଜଣାଇବାର ସୁଯୋଗ ପାଇଥିବାରୁ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି । ତତ୍‌ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ କୃଷି ଓ କୃଷକଙ୍କ ବିକାଶ ପାଇଁ ଉଠା ଜଳସେଚନ ମାଧ୍ୟମରେ କୃଷିକ୍ଷେତ୍ରକୁ ଜଳସେଚନ ସୁବିଧା କରୁଥିବାରୁ ସେମାନେ ତାଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି । ନିଗମ ଦ୍ୱାରା କିପରି ଚାଷୀମାନେ ଆହୁରି ଅଧିକ ସୁଫଳ ପାଇପାରିବେ, ସେ ବିଷୟରେ ଶ୍ରୀ ପତ୍ରୀ କୃଷକମାନଙ୍କ ସହିତ ସବିଶେଷ ଆଲୋଚନା କରିଥିଲେ । କ୍ଷେତ୍ର ପରିଦର୍ଶନ ସମୟରେ ଶ୍ରୀ ପତ୍ରୀ କୃଷକମାନଙ୍କୁ କହିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ରହିଛି, ରାଜ୍ୟର କୃଷି ଓ କୃଷକଙ୍କ କଲ୍ୟାଣ ପାଇଁ, ଯୁବପିଢି କୃଷିର ଉନ୍ନତିକୁ ଏକ ବିପ୍ଳବ ଭାବେ ନେଇ ଏହାକୁ ଲାଭଜନକ ଶିଳ୍ପରେ ପରିଣତ କରନ୍ତୁ । କୃଷି ପାଇଁ ନିତାନ୍ତ ଜଳସେଚନ ଆବଶ୍ୟକ ହେଉଥିବା ଚାଷ ଜମି, ବିଶେଷ କରି ଯେଉଁଗୁଡିକ ଦୁର୍ଗମ ଅଂଚଳରେ ରହିଛି, ସେଠାରେ କିପରି ଜଳସେଚନ ସୁବିଧା ଉପଲବ୍ଧ ହେବ, ଉଠାଜଳସେଚନ ନିଗମ ସମସ୍ତଙ୍କର ସହଭାଗିତାରେ ଏହାର ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରିବାକୁ ଶ୍ରୀ ପତ୍ରୀ ଗୁରୁତ୍ୱ ଦେଇଛନ୍ତି । ଜିଲ୍ଲାରେ ମହିଳା ଚାଷୀମାନେ ମଧ୍ୟ ପ୍ରକଳ୍ପର ସୁବିନିଯୋଗ କରି ସ୍ୱାବଲମ୍ବୀ ହୋଇଥିବା ପରିଦର୍ଶନ ସମୟରେ ଶ୍ରୀ ପତ୍ରୀ ଦେଖିବାକୁ ପାଇଥିଲେ । ସେହିପରି ଶସକେରା ଗ୍ରାମର ମା' ସୁତୁଲି ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ସଂପୃକ୍ତ ଅଂଚଳରେ ପାଣି ପଂଚାୟତ ଦାୟିତ୍ୱ ନିର୍ବାହ କରୁଥିବାରୁ ଉକ୍ତ ଗ୍ରୁପ୍‌କୁ ପ୍ରଶଂସା କରାଯାଇଥିଲା । ଶ୍ରୀ ପତ୍ରୀଙ୍କ କାର୍ଯ୍ୟ ସମୀକ୍ଷା ସମୟରେ ଓ.ଏଲ୍.ଆଇ.ସି ଅଧିକ୍ଷଣ ଯନ୍ତ୍ରୀ ନିରଂଜନ ପ୍ରଧାନ, ଫୁଲବାଣୀର ନିର୍ବାହୀ ଯନ୍ତ୍ରୀ ଶ୍ରୀ ରୁଦ୍ର ପ୍ରସାଦ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ମନୋରଂଜନ ନାୟକ, ସହକାରୀ ଯନ୍ତ୍ରୀ ରଂଜନ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ମାଗେନ୍ତା କୁମାର ଦତ, କନିଷ୍ଠ ଯନ୍ତ୍ରୀ (ସିଭିଲ) ବେଦବ୍ୟାସ ଦାସ, କନିଷ୍ଠ ଯନ୍ତ୍ରୀ (ଇଲେକ୍ଟ୍ରିକାଲ) ଦେବେନ୍ଦ୍ରନାଥ ନାୟକ, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି କ୍ଳେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ପଠାଣି ସାମନ୍ତଙ୍କ ଗାଁ ନାମକୁ ଇଂରାଜୀରେ ବିକୃତ କରାଯାଉଛି



ଭୁବନେଶ୍ୱର (ପିଏନ୍): ବିଶ୍ୱପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ (ପଠାଣି ସାମନ୍ତ)ଙ୍କ ଜନ୍ମସ୍ଥାନ ହେଉଛି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଗଡ଼ରେ। ଏ ଜନ୍ମସ୍ଥାନକୁ ନେଇ ଅଞ୍ଚଳବାସୀ ବେଶ୍ ଗର୍ବିତ। ପରିତାପର ବିଷୟ ବ୍ରିଟିଶ ଢାଞ୍ଚାରେ ଏପର୍ଯ୍ୟନ୍ତ ଉକ୍ତ ଜିଲ୍ଲା ଓ ଗାଁର ନାମକୁ ଇଂରାଜୀ ଭାଷାରେ ତ୍ରୁଟିପୂର୍ଣ୍ଣ ଭାବେ ଲେଖାଚାଲିଛି। ପିଢୀ ପରେ ପିଢୀ, କେତେ ପିଢୀ ଚାଲିଗଲାଣି। ପରବର୍ତ୍ତୀ ପିଢୀକୁ ଭୁଲ୍‌ରେ ଗାଁର ନାମ ଲେଖିବାକୁ ଶିକ୍ଷା ଦିଆଯାଉଛି। ସରକାରୀ ଓ ବେସରକାରୀ ସ୍ତରରେ ବି ଏହି ତ୍ରୁଟିପୂର୍ଣ୍ଣ ବନାନ ଏବେ ବି ଲେଖାଚାଲିଛି। ଇଂରାଜୀ ଭାଷାରେ ନୟାଗଡ଼କୁ (Nayagarh) ଅର୍ଥାତ୍ (ନୟାଗର) ଓ ଖଣ୍ଡପଡ଼ା ଗଡ଼କୁ (Khandaparagarh) (ଖଣ୍ଡପଡ଼ାଗର) ବୋଲି ଲେଖାଚାଲିଛି। ପୂର୍ବରୁ ଆମ ରାଜ୍ୟର ନାମ ଇଂରାଜୀରେ (Orissa) 'ଓରିଶା' ବୋଲି ଲେଖି ଚାଲିଥିଲେ। ସଂଶୋଧନ ପରେ (Odisha) 'ଓଡ଼ିଶା' ବୋଲି ଠିକ୍ କରାଗଲା। ଏଭଳି ତ୍ରୁଟିପୂର୍ଣ୍ଣ ଇଂରାଜୀ ବନାନକୁ ଉଚ୍ଛେଦ କରି ସଠିକ୍ ରୂପେ ଜିଲ୍ଲା ଓ ଗାଁର ନାମକୁ ସଂଶୋଧନ କରାଯାଉ ବୋଲି ସ୍ଥାନୀୟ ସମାଜିକ କର୍ମୀ ତଥା ଜାତୀୟ ଯୁବ ପୁରସ୍କାରପ୍ରାପ୍ତ ସୁଶାନ୍ତ କୁମାର ସାହୁ ଏ ସମ୍ପର୍କରେ ନୟାଗଡ଼ ଜିଲ୍ଲାପାଳ ଡ. ପୋମା ଟୁଡୁ (ଆଇ.ଏ.ଏସ୍.) ଓ ସ୍ଥାନୀୟ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

